## ସାଇବର ଠକେଇରୁ ବର୍ତ୍ତିଲେ କର୍ମଚାରୀ

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ଏମ୍‌ସିଏଲ୍ କର୍ମଚାରୀ ବି. ଶ୍ରୀନିବାସ ରାଓ ସାଇବର ଠକେଇରୁ ବର୍ତ୍ତିଯାଇଛନ୍ତି। ଜମା ଖାତାରୁ ଉଠାଇ ନିଆଯାଇଥିବା ୧ ଲକ୍ଷ ୬୬ ହଜାର ଟଙ୍କା ଫେରିଆସିଛି। ବୁର୍ଲା ପୋଲିସର ତ୍ୱରିତ ପଦକ୍ଷେପ ଯୋଗୁ ଶ୍ରୀନିବାସ ଟଙ୍କା ଫେରିପାଇଥିବା କହିଛନ୍ତି। ଅଭିଯୋଗ କ୍ରମେ ଗତ ଜୁନ ୨୬ ତାରିଖରେ ଶ୍ରୀନିବାସଙ୍କୁ କ୍ରେଡିଟ କାର୍ଡ ନବୀକରଣ କରିବାକୁ ଏକ କଲ୍ ଆସିଥିଲା। ସେ କଥା ହୋଇ ଓଟିପି ନମ୍ବର ଦେଇ ଦେଇଥିଲେ। ପରେ ତାଙ୍କ ଆକାଉଣ୍ଟରୁ ୧ ଲକ୍ଷ ୮୦ ହଜାର ଟଙ୍କା କଟିଯାଇଥିଲା। ସଙ୍ଗେ ସଙ୍ଗେ ସେ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ କମଳ ଲୋଚନ ପଣ୍ଡା ଏ ନେଇ ଜିଲା ସାଇବର ସେଲକୁ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଶଯ୍ୟାଶାୟୀ ଯୁବତୀଙ୍କୁ ସହାୟତା



**କୁଚିଣ୍ଡା,୭।୭(ଡି.ଏନ.ଏ.):** କୁଚିଣ୍ଡା ଏନ୍‌ଏସି ୩ନଂ. ୱାର୍ଡ ବାସନ୍ଦା ସୂର୍ଯ୍ୟ ମିଶ୍ରଙ୍କ ୨୧ ବର୍ଷର ଝିଅ ମାନସୀ ଅଜଣା ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଅଧିକ ଚିକିତ୍ସା ଆବଶ୍ୟକ ଥିଲେ ମଧ୍ୟ ଆର୍ଥିକ ଅନଟନ ଯୋଗୁ ସମ୍ଭବ ହୋଇପାରୁ ନାହିଁ। ଏପରିସ୍ଥଳେ ବୁଧବାର ଜିପିଆର କଲେଜ କୁନ୍ତରାର ଅଧ୍ୟାପକ ଶିବଶଙ୍କର ମଲ୍ଲିକ, ଅଧ୍ୟାପିକା ରତ୍ନମଞ୍ଜରୀ ସାହୁ ମାନସୀଙ୍କୁ ତାଙ୍କ ବାସଭବନରେ ଭେଟି ୪ହଜାର ଟଙ୍କା ସହାୟତା ସହ ହର୍ଲିକ୍ସ, ବିସ୍କୁଟ ଆଦି ପ୍ରଦାନ କରିଥିଲେ। ଖଗପତି ଅମାତ, ସନତ କୁମାର ସାହୁ, କଲେଜ ଛାତ୍ର ଦୁଷ୍ମନ୍ତ ରୋହିଦାସ, ପ୍ରିତିଶ କୁସୁମ, ସୁବ୍ରତ କୁମାର ସାହୁ ମିଳିତ ଭାବେ ଏହି ସହାୟତା ଦେଇଥିଲେ। ମାନସୀଙ୍କୁ ଚିକିତ୍ସା ସହାୟତା ପାଇଁ ସେମାନେ ସ୍ଥାନୀୟ ପ୍ରଶାସନକୁ ମଧ ଅନୁରୋଧ କରିଥିଲେ।

### କଂଗ୍ରେସର ବିକ୍ଷୋଭ

**ଝାରସୁଗୁଡା ଅଫିସ୍,୭।୭:** ଡିଜେଲ, ପେଟ୍ରୋଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ବୁଧବାର ଲଖନପୁର ବ୍ଲକ୍ କଂଗ୍ରେସ ତରଫରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ କଂଗ୍ରେସ ବ୍ଲକ୍ ସଭାପତି ଲିଙ୍ଗରାଜ ବଡେଇ ନେତୃତ୍ୱ ନେଇଥିବାବେଳେ ବେଣୁଧର ଭୋଇ, ବିହାରୀ ନାୟକ, ସୁବ୍ରତ ପ୍ରଧାନ, ଝୁମେର ପ୍ରଧାନ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ।

### ବାଲି ବୋଝେଇ ହାଇୱାକୁ ୨୫ ହଜାର ଜରିମାନା

**ସମ୍ବଲପୁର,୭।୭(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ପକ୍ଷରୁ ବୁଧବାର ବେଆଇନ ବାଲି ଚୋରା ଚାଲାଣ କରୁଥିବା ହାଇୱା ମାଲିକ ରଞ୍ଜିତ ମେହେରଙ୍କଠାରୁ ୨୫ ହଜାର ଜରିମାନା ଆଦାୟ କରାଯାଇଛି। ତହସିଲଦାର ଅଭିଷେକ ସାହୁ ଓ କର୍ମଚାରୀ ସନ୍ଦେହ କରି ଚଢ଼ାଉ କରିଥିଲେ।

### ବଜ୍ରପାତରେ ବାଳକ ଓ ବୃଦ୍ଧ ମୃତ

**ଲହୁଣୀପଡ଼ା,୭।୭ (ଡି.ଏନ୍.ଏ.):** ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାବେଳେ ବଜ୍ରପାତରେ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଟକରା ଗ୍ରାମର ଜଣେ ବାଳକ ଓ ନୂଆପଡ଼ା ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଟକରା ଗ୍ରାମର ସମ୍ବାରୀ ଲୋହୋରା ପୁଅ ରୋହିତ (୭) ସହିତ ଜମିରୁ କାମ ସାରି ଘରକୁ ଫେରୁଥିଲେ। ବଜ୍ରପାତ ଯୋଗୁ ସମ୍ବାରୀ ଓ ରୋହିତ ଆହତ ହୋଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଦୁଇ ଆହତଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ଅଣାଯାଇଥିଲେ ମଧ ରୋହିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିଭଳି ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ପଞ୍ଚାୟତ ନୂଆପଡା ଗ୍ରାମର ହରି କିଷାନ (୬୦) ଜମିରେ ଚାଷ କାମ କରୁଥିବାବେଳେ ବଜ୍ରପାତ ହେବାରୁ ମୃତ୍ୟୁ ଘଟିଥିଲା।

### ମିକ୍ସଚର ମେଶିନ ଟ୍ରକ ଚକତଳେ ଚାପି ହୋଇ ଯୁବକ ମୃତ: ଉତ୍ତେଜନା

**କୁତ୍ରା,୭।୭(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଏଲଗାରୁ ରାଏବାହାଲକୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତା କାମ ବେଳେ ବୁଧବାର ମିକ୍ସଚର ମେଶିନ ଟ୍ରକ ଏଆର୍ ୦୬ ଏ ୩୦୯୪ ଚକତଳେ ଚାପିହୋଇ ଜଣଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାମ ମନୋଜ ପ୍ରଧାନ (୩୫)। ଏହାପରେ କୁତ୍ରା ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ଶବ ନେବାକୁ ଯାଉଥିବା ବେଳେ ସ୍ଥାନୀୟ ଲୋକ କ୍ଷତିପୂରଣ ପାଇଁ ଦାବିକରି ଶବ ନେବାକୁ ଦେଇ ନ ଥିଲେ। ପରେ ପୋଲିସ ବୁଝାସୁଝା ପରେ ଲୋକେ ଶାନ୍ତ ପଡିଥିଲେ। ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ପଠେଇ ଉପଯୁକ୍ତ କ୍ଷତିପୂରଣ ପାଇଁ ଠିକା ସଂସ୍ଥା ସହ ଆଲୋଚନା ଜାରି ରଖିଛି।

### କଂଗ୍ରେସର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା

**କୁତ୍ରା,୭।୭(ଡି.ଏନ.ଏ):** କୁତ୍ରା ବ୍ଲକକଂଗ୍ରେସ ପକ୍ଷରୁ ଦରଦାମ ବୃଦ୍ଧିକୁ ନେଇ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ଧାରଣାରେ ରାଜଗାଙ୍ଗପୁର ବିଧାୟକ ଡ.ରାଜେନ ଏକ୍କା, କୁତ୍ରା ବ୍ଲକ ସଭାପତି ସନ୍ତୋଷ ବେହେରା, ଆନନ୍ଦ ଏକ୍କା, ତେଜପ୍ରକାସ ସିଂ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରୀଛାତ୍ରଙ୍କ ସହଭାଗିତା ଜରୁରୀ

**ସମ୍ବଲପୁର,୭।୭ (ବ୍ୟୁରୋ)**



ଡା. ନାରାୟଣୀ ପଣ୍ଡାଙ୍କୁ ସମ୍ମାନିତ କରାଯାଉଛି।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ୭୭ତମ ପ୍ରତିଷ୍ଠା ଦିବସ ବୁଧବାର ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ସକାଳେ ଅମୃତବିହାର ପରିସରସ୍ଥ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ କୁଳପତି ପ୍ରଫେସର ଏନ୍ ନାଗାରାଜୁଙ୍କ ତତ୍ତ୍ୱାବଧାନରେ ମାଲ୍ୟାର୍ପଣ କରାଯାଇଥିଲା। କୁଳସଚିବ ଯୁଗଳେଶ୍ୱରୀ ଦାଶ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ମୋହିନ ମହମ୍ମଦ, ବିତ୍ତ ନିୟନ୍ତ୍ରକ କନକଲତା ଏକ୍କା, ପରୀକ୍ଷା ନିୟନ୍ତ୍ରକ ଡ. ହେମ କୁମାର ନାୟକ, ଉପକୁଳସଚିବ ଉମାଚରଣ ପତିଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀମାନେ ସାମିଲ ଥିଲେ। ପ୍ରତିଷ୍ଠା ଦିବସ ସ୍ମୃତିକୁ ଉଜ୍ଜୀବିତ କରିବା ଲାଗି ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଭର୍ଚୁଆଲ ଜରିଆରେ କୁଳପତିଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ମୋ କଲେଜ ତଥା ବିଶ୍ୱବିଦ୍ୟାଳୟ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କ ସହଭାଗିତା ରହିଲେ ବିଶ୍ୱବିଦ୍ୟାଳୟ ଅଧିକ ବିକଶିତ ହୋଇପାରିବ। ଏଥିପାଇଁ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। ପୁରାତନ ଛାତ୍ରୀ ଡା. ନାରାୟଣୀ ପଣ୍ଡା ଜିଏମ୍‌ୟୁ ଆଲୁମ୍‌ନି କନେକ୍ଟ ଫଣ୍ଡକୁ ୩୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଜଣେ ନିଃସ୍ୱାର୍ଥପର ଡାକ୍ତର ଭାବେ କାର୍ଯ୍ୟକରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ନାରାୟଣୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉପଢ଼ୌକନ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଦୀପକ କୁମାର ବେହେରା, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ଅନ୍ତର୍ଯାମୀ ପଣ୍ଡା, ଡ. ସ୍ମିତା ଦେବୀ ଯୋଗଦେଇ କଲେଜର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ନିର୍ଝରିଣୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସ୍ମାରକୀ ବକ୍ତୃତାମାଳା ହୋଇଥିଲା। ନୂଆଦିଲ୍ଲୀ ଇଣ୍ଡିଆନ୍ ଇନଭର୍ସିଟିଜ୍ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଡ. ପଙ୍କଜ ମିତ୍ତଲ ବକ୍ତାଭାବେ ଯୋଗଦେଇ ନୂଆ ଶିକ୍ଷାନୀତି କାର୍ଯ୍ୟକାରୀ ଓ ବିଶ୍ୱବିଦ୍ୟାଳୟର କାର୍ଯ୍ୟଶୈଳୀ ଉପରେ ବକ୍ତବ୍ୟ ରଖିଥିଲେ।

**ଜିଏମ୍‌ୟୁର ୭୭ତମ ପ୍ରତିଷ୍ଠା ଦିବସ**

# ଆଲୁମିନିୟମ କାରଖାନାରେ ଦୁର୍ଘଟଣା, ଶ୍ରମିକ ମୃତ

**ଝାରସୁଗୁଡ଼ା ଅଫିସ,୭।୭**

- ଶ୍ରମିକଙ୍କ ଆନ୍ଦୋଳନ
- କାରଖାନା ମାଲିକ, ସୁପରଭାଇଜର ଗିରଫ

ଝାରସୁଗୁଡ଼ା ଜିଲା ହିର୍ମାସ୍ଥିତ ଗୌରବ ଆଲୁମିନିୟମ କାରଖାନାରେ ବୁଧବାର ସକାଳେ ଦୁର୍ଘଟଣା ଘଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିହାର ସୁପଉଲ୍ ଜିଲା ଗମ୍ଭୀରପୁର ଗ୍ରାମର ରାମ ବିଳାଶ ମଣ୍ଡଳ (୪୫)। ଖବରପାଇ ବଡମାଲ ଥାନା ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ କେସ୍ ନଂ୧୨୮/୨୧ରେ ଏକ ମାମଲା ରୁଜୁ ହୋଇଛି। କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ପୋଲିସ କାରଖାନା ମାଲିକ ଗୌରବ ଜୈନ ଓ ସିଫ୍ଟ ସୁପରଭାଇଜର ସଞ୍ଜୟ ଲୁହାଙ୍କୁ ଗିରଫ କରିଛି । ଦୁର୍ଘଟଣା ପରେ ସେଠାରେ କାର୍ଯ୍ୟରତ ଶ୍ରମିକମାନେ କ୍ଷତିପୂରଣ ଦାବିରେ ଆନ୍ଦୋଳନ କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଆଲୋଚନା ପରେ ମୃତ ଶ୍ରମିକଙ୍କ ଶୁଦ୍ଧିକ୍ରିୟା ପାଇଁ ୫୦ହଜାର ଟଙ୍କା ଓ ଶ୍ରମିକଙ୍କ ମୃତଦେହ ଗାଁକୁ ପହଞ୍ଚାଇବା ପାଇଁ ୫୦ହଜାର ଟଙ୍କା ମାଲିକ ପ୍ରଦାନ କରିଥିଲେ। ଏହାସହ ଶ୍ରମ ଆଇନ ଆନୁଯାୟୀ ସମସ୍ତ ସୁବିଧା ଦିଆଯିବ ବୋଲି ମାଲିକ ପ୍ରତିଶ୍ରୁତି ଦେବା ପରେ ଶ୍ରମିକମାନେ ଆନ୍ଦୋଳନରୁ ଓହରିଥିଲେ।

ସୂଚନାଯୋଗ୍ୟ କାରଖାନାରେ ୫ କୁଇଣ୍ଟାଲର ଆଲୁମିନିୟମ୍ ଗୁଣ୍ଡ ଏକ ବ୍ୟାଗ୍‌ରେ ଭର୍ତ୍ତିହୋଇ ଲିଫ୍ଟ ସାହାଯ୍ୟରେ ମେଶିନରେ ପଡିଥାଏ । ଏହି ବ୍ୟାଗ୍ ଲିଫ୍ଟ ବେଳେ ହଠାତ୍ ଛିଡିପଡି ତଳେ ଥିବା ଶ୍ରମିକ ରାମ ବିଳାଶଙ୍କ ଉପରେ ପଡିଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କାରଖାନା କର୍ତ୍ତୃପକ୍ଷଙ୍କ ସୁରକ୍ଷା ଅବହେଳା ପାଇଁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଶ୍ରମିକମାନେ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ଏନ୍‌ଏଚ୍‌ଏଆଇ ଅଫିସ ଘେରାଉ

**ସମ୍ବଲପୁର,୭।୭(ବ୍ୟୁରୋ)**



ସମ୍ବଲପୁର ଏନ୍‌ଏଚ୍‌ଏଆଇ ଅଫିସରେ ଜନସାଧାରଣ ।

**ସମ୍ବଲପୁର-ତିଲେଇବଣି ରାସ୍ତା ନିମ୍ନମାନର ଅଭିଯୋଗ**

ସମ୍ବଲପୁର-ତିଲେଇବଣି ୪ ଥାକିଆ ରାସ୍ତା କାମ ନିମ୍ନମାନର ହେଉଥିବାବେଳେ ଏଥିରେ ଅହେତୁକ ବିଳମ୍ବ କରାଯାଉଛି। ଫଳରେ ଯାତାୟାତ ସମସ୍ୟା ଉପୁଜି ନିତିଦିନ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ବୁଧବାର ଜନସାଧାରଣ ସିଖାପଡା ଏନ୍‌ଏଚ୍‌ଏଆଇ ଅଫିସ ଘେରାଉ କରିଥିଲେ। ପରେ ଏନ୍‌ଏଚ୍‌ଏଆଇ ପିଡି ଭି ଭେଙ୍କେଟେଶ୍ୱରଲୁଙ୍କ ସହ ଆଲୋଚନା କରିଥିଲେ। ସେମାନେ ଅଭିଯୋଗ କରିଥିଲେ, ପୂର୍ବରୁ କମ୍ପାନୀ ଦ୍ୱାରା କରାଯାଉଥିବା ରାସ୍ତାକାମ ନିମ୍ନମାନର ନେଇ ଅଭିଯୋଗ ହୋଇଥିଲା। କେନ୍ଦ୍ରୀୟ ଟିମ ହାତରେ ଏହି ଅନିୟମିତତା ଧରା ପଡିଥିଲା। ମୋରମ ବଦଳରେ ମାଟି ଓ ଫ୍ଲାଏଆଶ ବ୍ୟବହାର କରାଯାଉଛି। କାଲିଫର୍ନିଆ ବିଅରିଂ ରେସିଓ (ସିବିଆର) ପାଳନ କରାଯାଉନାହିଁ। ଠିକ୍ ଭାବେ ମେଟାଲ ଓ ଡଷ୍ଟ ମିଶ୍ରଣ ହେଉନାହିଁ। ଏନ୍‌ଏଚ୍‌ଏଆଇ ଓ ଯାଞ୍ଚ ଏଜେନ୍ସି (ସେଗମେଣ୍ଟାଲ) ଦାୟିତ୍ୱରେ ଅବହେଳା ଯୋଗୁ କମ୍ପାନୀ ମନମୁଖି କାମ କରିଚାଲିଛି। ପିଡି ଭେଙ୍କେଟେଶ୍ୱରଲୁ କହିଛନ୍ତି, ବିଭିନ୍ନ ସମସ୍ୟା ଯୋଗୁ ପ୍ରକଳ୍ପ ବିଳମ୍ବ ହୋଇଛି। ହେଲେ ଡିସେମ୍ବର ଶେଷ ସୁଦ୍ଧା କାମ ଶେଷ କରିବାକୁ ଠିକା ସଂସ୍ଥାକୁ ତାଗିଦ କରାଯାଇଛି। ନିମ୍ନମାନର କାମକୁ ତଦାରଖ କରାଯିବ। ଅନେକ ସ୍ଥାନରେ ମାନ ଯାଞ୍ଚ କରିବା ପରେ ବିଲ୍ ବନ୍ଦ କରିଦିଆଯାଇଛି। ଆଗକୁ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ସମ୍ବଲପୁର-ତିଲେଇବଣି ରାସ୍ତା ନିର୍ମାଣ କାମ ୨୦୧୯ ଭିତରେ ସମ୍ପୂର୍ଣ୍ଣ ହେବା ନେଇ ଅବଧି ରହିଥିଲା।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି

**ସମ୍ବଲପୁର,୭।୭(ବ୍ୟୁରୋ)**

ସମ୍ବଲପୁର ଧନକଉଡା ବ୍ଲକ ସମ୍ମୁଖରେ ଜିଲା ଭାଜପା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ପରେ ବିଡିଓ ବସନ୍ତ ହାତୀଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। କର୍ମକର୍ତ୍ତାଙ୍କ ଅଭିଯୋଗ କ୍ରମେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ଯୋଗୁ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ମିଳିପାରିନାହିଁ। ବାରମ୍ବାର ଅଭିଯୋଗ ପରେ ମଧ କିଛି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। କେନ୍ଦ୍ରୀୟ ଟିମ୍ ଯାଞ୍ଚ କରିବା ସମୟରେ ୫ ଜିଲାର ୯ ବ୍ଲକରେ ଦୁର୍ନୀତି ହୋଇଥିବା ଜାଣିବାକୁ ପାଇଥିଲେ। ବିକ୍ଷୋଭ ସମାବେଶରେ ଭାଜପା ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଦେବେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ମେହେର, ଆଶିଷ କୁମାର ହୋତା ପ୍ରମୁଖ ସାମିଲ ଥିଲେ।

# ୨ ବ୍ଲକ୍ ଅଫିସ ଘେରିଲା ଭାଜପା



ଭାଜପା ନେତା ଓ କର୍ମୀ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ଝାରସୁଗୁଡ଼ା ଅଫିସ,୭।୭**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ବୁଧବାର ଜିଲା ଓ ବ୍ଲକ୍ ଭାଜପା ତରଫରୁ ଲଇକେରା ବ୍ଲକ୍ ଓ କିର୍ମିରା ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏ ନେଇ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ଏଥିରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବି ରହିଛି। ଆନ୍ଦୋଳନରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ବୀରମିତ୍ରପୁର ବିଧାୟକ ତଥା ଝାରସୁଗୁଡା ଜିଲା ପ୍ରଭାରୀ ଶଙ୍କର ଓରାମ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଷଡଙ୍ଗୀ, ଜିଲା ସାଧାରଣ ସମ୍ପାଦକ ପ୍ରେମସେନ୍ ରଏ, ଉପସଭାପତି ନବଲ ଅଗ୍ରୱାଲ, ସମ୍ପାଦକ ପୁରୁଷୋତ୍ତମ ଥିରାନୀ, ବିଜୟ ଶର୍ମା ପ୍ରମୁଖ ସାମିଲ ଥିଲେ।

# ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଜାତୀୟସ୍ତରରେ ପୁରସ୍କୃତ

**ସୁନ୍ଦରଗଡ଼, ୭।୭ (ଡି.ଏନ୍.ଏ.)**

୪୦ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଛି। ଜୁଲାଇ ୧୨ରେ ଭର୍ଚୁଆଲ ମୋଡରେ ହେବାକୁ ଥିବା ଏହି ଉତ୍ସବରେ ଜିଲାକେନ୍ଦ୍ର ସମବାୟ ବ୍ୟାଙ୍କ ବର୍ଗରେ କୃଷିଋଣ ଠାରୁ ମିଆଦି ଋଣ, ସ୍ୱୟଂ ସହାୟକ ଗୋଷ୍ଠୀ ବା ମିଳିତ ଦେୟ ଗୋଷ୍ଠୀଠାରୁ ଆରମ୍ଭ କରି ଆର୍ଥିକ ଅନ୍ତର୍ଭୁକ୍ତି ତଥା ସକଳ ବର୍ଗରେ ବ୍ୟାଙ୍କର ଉତ୍କର୍ଷତା ପାଇଁ ନାବାର୍ଡ, ମହାରାଷ୍ଟ୍ରର ସତାରା କେନ୍ଦ୍ର ସମବାୟ ସହ ଏହି ବ୍ୟାଙ୍କକୁ ସମଗ୍ର ଦେଶରେ ସ୍ପେଶାଲ କମେମୋରେଟିଭ ଆୱାର୍ଡ ଘୋଷଣା କରି ଲିଖିତ ଭାବେ ଜଣାଇବା ସଙ୍ଗେ ସଙ୍ଗେ ଭର୍ଚୁଆଲ ମୋଡରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ ଚନ୍ଦ୍ର ଦାଶଙ୍କଠାରୁ ତାଙ୍କର ମତାମତ ଗ୍ରହଣ କରିଛନ୍ତି। ପ୍ରକାଶଥାଉ କି, ଗତ ୫ ବର୍ଷ ତଳେ ବ୍ୟାଙ୍କର କ୍ରାର (କ୍ୟାପିଟାଲ ଟୁ ରିସ୍କ ୱେଟେଡ ଆସେଟ ରେସିଓ) ରିଜର୍ଭ ବ୍ୟାଙ୍କ ଦ୍ୱାରା ସମବାୟ ବ୍ୟାଙ୍କ ପାଇଁ ୯ପ୍ରତିଶତ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ମାତ୍ର ବ୍ୟାଙ୍କ ୪ପ୍ରତିଶତରେ ରହିଥିଲା। ଏହା ଏବେ ୧୫ ପ୍ରତିଶତରୁ ଅଧିକ। ଜିଲାର ମୋଟ କୃଷିଋଣର ୮୫ ପ୍ରତିଶତ ବ୍ୟାଙ୍କ ତାର ଶାଖା ଏକ ସହଯୋଗୀ ଲ୍ୟାମ୍ପସଙ୍କ ଜରିଆରେ ବଣ୍ଟନ କରୁଥିବାବେଳେ ରାଜ୍ୟ ଦ୍ୱାରା ସମବାୟ ଜରିଆରେ ଦିଆଯାଉଥିବା କୃଷି ସମ୍ବନ୍ଧୀୟ ମିଆଦି ଋଣର ୩୩ ପ୍ରତିଶତ ବା ସ୍ୱୟଂ ସହାୟକ ଗୋଷ୍ଠୀ କ୍ଷେତ୍ରରେ ୨୮ ପ୍ରତିଶତ ଋଣ ଏକାକୀ ଦେଇ ରାଜ୍ୟରେ ଏହି ବ୍ୟାଙ୍କ ଅଗ୍ରଣୀ ସ୍ଥାନ ଲାଭ କରିଛି। ଗତ ବର୍ଷ କୃଷି ଋଣ ଯୋଗାଣ କ୍ଷେତ୍ରରେ ସରକାରଙ୍କ ତରଫରୁ ଏହି ବ୍ୟାଙ୍କକୁ ଟପ୍ ଆଚିଭର ବୋଲି ଘୋଷଣା କରାଯାଇଥିବା ବେଳେ ସଫଳତାରେ ସାରା ଦେଶରେ ଏପରି ସମ୍ମାନିତ ହେବା ରାଜ୍ୟ ପାଇଁ ପ୍ରଥମ, ବିରଳ ଘଟଣା। ପ୍ରକାଶ ଯୋଗ୍ୟଯେ, ବିଗତ ୫ ବର୍ଷ ଧରି କ୍ରମବର୍ଦ୍ଧମାନ ଲାଭ କରି ଆସୁଥିବା ଏହି ବ୍ୟାଙ୍କ ୨ବର୍ଷ ମଧ୍ୟରେ ଏହାର ସାମଗ୍ରିକ ସଫଳତା ପାଇଁ ରାଜ୍ୟ ସରକାର ପୁରସ୍କୃତ କରିଥିବା ବେଳେ ଜାତୀୟ ସ୍ତରରେ ଅନ୍ୟାନ୍ୟ ଖ୍ୟାତନାମା ଅନୁଷ୍ଠାନ ବ୍ୟାଙ୍କକୁ ପୁରସ୍କୃତ କରିଛନ୍ତି। ବର୍ତ୍ତମାନ ଜାତୀୟ ସ୍ତରରେ ନାବାର୍ଡ ଦ୍ୱାରା ଏହି ମାନ୍ୟତା ଓ ପୁରସ୍କାର ଆଗାମୀ ଦିନରେ ଏହା ବ୍ୟାଙ୍କକୁ ଆହୁରି ଅଧିକ କ୍ରିୟାଶୀଳକରି ଜନସାଧାରଣଙ୍କ ସେବାରେ ପୁନଃ ଉତ୍ସର୍ଗୀକୃତ କରିବାକୁ ପ୍ରେରଣା ଦେବ ବୋଲି ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁରେଶ ଚନ୍ଦ୍ର ଦାଶ , ନିଖିଳ ଓଡିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ସୁନ୍ଦରଗଡ ୟୁନିଟର ସଭାପତି ବିମଳ କୁମାର ବୋଷ, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ନନ୍ଦ ଆଶାପ୍ରକାଶ କରିଛନ୍ତି।

# ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାନଙ୍କ କୁତ୍ରା, ରାଜଗାଙ୍ଗପୁର ଗସ୍ତ

**କୁତ୍ରା/ରାଜଗାଙ୍ଗପୁର, ୭।୭ (ଡି.ଏନ.ଏ)**

ବିଜେଡ଼ି ସଂଖ୍ୟାଲଘୁ ସମ୍ପ୍ରଦାୟ ରାଜ୍ୟ ସଭାପତି ତଥା ରାଜ୍ୟସଭା ସଦସ୍ୟ ମୁନ୍ନା ଖାନ ବୁଧବାର କୁତ୍ରା ଓ ରାଜଗାଙ୍ଗପୁର ବ୍ଲକ ଗସ୍ତ କରିଥିଲେ। କୁତ୍ରା ବ୍ଲକ ଖଟକୁରବାହାଲ ଗ୍ରାମକୁ ପହଞ୍ଚିବା ପରେ ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂଖ୍ୟାଲଘୁଙ୍କ ପାଇଁ ବିଜେଡି ସରକାର କରିଥିବା ବିଭିନ୍ନ ଯୋଜନା ବାବଦରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁନ୍ନା ଖାନ୍‌ଙ୍କୁ ଗ୍ରାମବାସୀଙ୍କ ତରଫରୁ ସ୍ୱାଗତ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନ, ସୋଏବ ଆଲମ,ଏମଡି ସାହାବୁଦ୍ଦିନ,ଏମଡି ଫାରୁକ,ସମସେର ଅଲ୍ଲୀ,ଏମଡି ଖଲିଦ,ଏମଡି ଅଫ୍ରୋଜ, ଆଫ୍ରୋଜ ଆଲମ,ଏମଡି ସାନୁଲ୍ଲା,ଏମଡି ଫଜଲ,ରୋଶନ ବାର୍ଲା ପ୍ରମୁଖ ବିଜେଡି ସଂଖ୍ୟାଲଘୁ ନେତା ମଞ୍ଚାସୀନ ଥିଲେ। ରାଜଗାଙ୍ଗପୁର ଗସ୍ତରେ ଆସି ସହରରେ ଅବସ୍ଥିତ ସୁନ୍ନୀ ଜାମାମସ୍‌ଜିଦଠାରେ ଏକ ବିବାହ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସହରର ଇଦଗା ମହଲା ଓ ବିଲେଇଗଡ ଅଞ୍ଚଳକୁ ଯାଇ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସହ ମିଶି ଭଲମନ୍ଦ ବୁଝିଥିଲେ। ଜିଲାପାଳ ନିଖିଳ ପବନ କଲ୍ୟାଣ, ରାଜ୍ୟ ବିଜେଡିଉପସଭାପତିମଙ୍ଗଳା କିଶାନ, ବିଜେଡି ସଭାପତିବିନୟ ଟପ୍ପୋ ଉପସ୍ଥିତ ରହିଥିଲେ।

# ସୁନ୍ଦରଗଡ଼, ଦେବଗଡ଼ରେ ବିକ୍ଷୋଭ, ଧାରଣା

**ସୁନ୍ଦରଗଡ଼/ଦେବଗଡ଼, ୭।୭ (ଡି.ଏନ୍.ଏ)**

**ଦରଦାମ ବୃଦ୍ଧି ନେଇ କଂଗ୍ରେସର ପ୍ରତିବାଦ**

ପେଟ୍ରୋଲ, ଡିଜେଲ ତଥା ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ସୁନ୍ଦରଗଡ଼ ଜିଲା ସଦର ମହକୁମା ସମେତ ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ସୁନ୍ଦରଗଡ ଡିଆରଡିଏ ଛକରେ ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ସଦର ବ୍ଲକ ଓ ନଗର କମିଟି ପକ୍ଷରୁ ଧାରଣା ଦିଆଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ପିସିସି ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ନଗର କମିଟି ସଭାପତି ନେପାଳ ସାହୁ, ସଦର ବ୍ଲକ ସଭାପତି ଦୀନବନ୍ଧୁ ନାଏକ, ବରିଷ୍ଠ ଆଇନଜୀବୀ ନିମାଇଁ ନାଏକ, ଅରୁଣ ପୃଷେଠ, ପ୍ରଫୁଲ୍ଲ ସୁନାନୀ, ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମୁନୁ ସରାଫ, ସୁନ୍ଦରଗଡ଼ ସଦର ବିଧାନସଭା କ୍ଷେତ୍ର ଯୁବ ସଭାପତି ବିଶ୍ୱଜିତ ପଟ୍ଟନାୟକ, ଛାତ୍ର କଂଗ୍ରେସ ସଭାପତି ଏମଡି ଫୈଜଲ ଅହମ୍ମଦ, ମହିଳା ସଭାନେତ୍ରୀ ସରୋଜିନୀ ବାଙ୍କୁରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ ସଭାପତି ଶୁକଦେବ ବଡ଼େଇଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଧାରଣା ଦେଇଥିଲେ।

ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଜିଲାର ତିନୋଟି ଯାକ ବ୍ଲକରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦେବଗଡ ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁ ଓ ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ଗଣେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ତିଲେଇବଣି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରିଆମାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀମାନେ ବ୍ଲକ ସଭାପତି ସୁଶୀଳ ସାହୁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିବାବେଳେ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ କଂଗ୍ରେସ ନେତା ପ୍ରଶନ୍ନ କୁମାର ପ୍ରଧାନ ଉପସ୍ଥିତ ଥିଲେ। ବାରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତା ଓ କର୍ମୀମାନେ ବ୍ଲକ ସଭାପତି କ୍ଷୀରୋଦ ସାହୁଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପର୍ଯ୍ୟବେକ୍ଷକ ଭାବେ ଜିଲା କଂଗ୍ରେସ ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଛେଣ୍ଡ ସେଣ୍ଟ୍ରାଲ ପାର୍କ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ

**ରାଉରକେଲା ଅଫିସ୍, ୭।୭**



ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ବେଳେ ବିଭାଗୀୟ ଅଧିକାରୀ ଓ କଂଗ୍ରେସ ନେତାମାନେ।

ଛେଣ୍ଡ ସେଣ୍ଟ୍ରାଲ ପାର୍କ ନିର୍ମାଣ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ପ୍ରାୟ ୨୦ମାସ ଧରି କ୍ରମାଗତ ଭାବେ କଂଗ୍ରେସର ଦାବି ଓ ଆନ୍ଦୋଳନ ପରେ ତଦନ୍ତ ଆରମ୍ଭ ହୋଇଥିବାରୁ ରାଉରକେଲା ଜିଲା କଂଗ୍ରେସ ତରଫରୁ ଏହାକୁ ସ୍ୱାଗତ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ୧ କୋଟି ୮୨ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମାଣ କରାଯାଇଥିବା ଛେଣ୍ଡ ସେଣ୍ଟ୍ରାଲ ପାର୍କରେ ବ୍ୟାପକ ଅର୍ଥ ହଡପ କରାଯାଇଥିବା ଅଭିଯୋଗ କରି କଂଗ୍ରେସ ତରଫରୁ ଗତ ୨୦୧୯ ଅକ୍ଟୋବରରେ ସ୍ଥାନୀୟ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଏକ ତଥ୍ୟଭିତ୍ତିକ ଏତଲା ଦାୟର କରାଯାଇଥିଲା। କିନ୍ତୁ ଭିଜିଲାନ୍ସ ତଦନ୍ତ କରାଇ ଦିଆଯାଉ ନ ଥିଲା। ରାଉରକେଲା ଜିଲା କଂଗ୍ରେସ ତରଫରୁ ଏହି ଦୁର୍ନୀତିକୁ ନେଇ ବିଭିନ୍ନ ସମୟରେ ସୁନ୍ଦରଗଡ ଜିଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଦାବିପତ୍ର ପ୍ରଦାନ ସହିତ ରାଉରକେଲା ଭିଜିଲାନ୍ସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ମଧ ଅନୁଷ୍ଠିତ ହୋଇଥିଲା। ଶେଷରେ ଗତ ମାସ ୨୮ରେ କଂଗ୍ରେସ ତରଫରୁ ଛେଣ୍ଡ ସେଣ୍ଟ୍ରାଲ ପାର୍କଠାରେ ଧାରଣା ଓ ପ୍ରତିବାଦ ବିକ୍ଷୋଭ କରାଯାଇ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଦିଆଯାଇଥିଲା। ଏହି ସେଣ୍ଟ୍ରାଲ ପାର୍କ ଦୁର୍ନୀତିର ତଦନ୍ତ କରିବା ପରିବର୍ତ୍ତେ ଇତିମଧ୍ୟରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ତରଫରୁ ପ୍ଲାନେଟୋରିୟମ ନିର୍ମାଣ ପାଇଁ କାର୍ଯ୍ୟାରମ୍ଭ କରାଯାଇଥିଲା। ରାଉରକେଲା ସ୍ମାର୍ଟସିଟି ମିଶନ ତରଫରୁ ବିଜ୍ଞାନ ପାର୍କ ନିର୍ମାଣ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିଲା। ତେବେ କଂଗ୍ରେସ ତରଫରୁ ପାର୍କର ମୁଖ୍ୟ ଫାଟକରେ ଗତ ୨୮ତାରିଖରେ ତାଲା ମାରିଦେବାରୁ ଆରମ୍ଭ ହୋଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଫଳରେ ରାଜ୍ୟ ସରକାର ଏହି ଦୁର୍ନୀତିର ତଦନ୍ତ ପାଇଁ ସ୍ଥାନୀୟ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ବାଧ ହୋଇଥିଲେ। ଯାହାକି ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଭିଜିଲାନ୍ସକୁ ଏହି ତଦନ୍ତରେ ସହଯୋଗ କରିବା ଏବଂ ପାର୍କ ନିର୍ମାଣରେ ହୋଇଥିବା ଦୁର୍ନୀତିକୁ ଦେଖାଇ ଦେବା ପାଇଁ ମଙ୍ଗଳବାର ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ପୂର୍ବତନ ଜିଲା ସଭାପତି ବିରେନ ସେନାପତି, ଛେଣ୍ଡ ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ପିସିସି ସଭ୍ୟ ଦେବବ୍ରତ ବିହାରୀ, ବରିଷ୍ଠ କଂଗ୍ରେସ ନେତା କୀର୍ତ୍ତନ ଦାସ, ଗିରିଜା ଶଙ୍କର ମିଶ୍ର, ଲିଗାଲ ସେଲ ଅଧ୍ୟକ୍ଷ ବିସ୍ମୟ ଦାସ, ଆଇନ୍‌ଜୀବୀ ଉପେନ୍ଦ୍ର ରାଉତ, ବସନ୍ତ ସାମଲ, ସରୋଜ ମହାନ୍ତି, ସୁଧୀର ନାଥ, ଶଙ୍କର ଦାସ, ଏମ୍‌ଡି ନିଜାମ, ବନଲତା ବେହେରା, ଯୁବ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଅନୁପ ସାହୁ, ଧର୍ମେନ୍ଦ୍ର ପରମାର, ସାରଦା ପ୍ରସନ ଦାସ, ସୁଧୀର ଚୌହାନ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ମଧ ତିର୍କୀଙ୍କ ନେତୃତ୍ୱରେ ଉପରୋକ୍ତ ନେତୃମଣ୍ଡଳୀ ଉପସ୍ଥିତ ରହି ଭିଜିଲାନ୍ସ ଟିମ୍‌କୁ ତଦନ୍ତରେ ସହଯୋଗ କରିଥିଲେ। ପାର୍କ ଭିତରେ ବିଭିନ୍ନ କାର୍ଯ୍ୟ କରି ସମ୍ପୃକ୍ତ ଠିକା ସଂସ୍ଥା ପଇସା ଠକି ନେଇଥିବାରୁ ସମ୍ପ୍ରତି ତନ୍ନତନ୍ନ କରି ପ୍ରତ୍ୟେକ କାର୍ଯ୍ୟର ଯାଞ୍ଚ କରାଯାଉଛି ବୋଲି କଂଗ୍ରେସ ତରଫରୁ କୁହାଯାଇଛି। ଏହି ତଦନ୍ତ ରାଜନୈତିକ ଚାପରୁ ଉର୍ଦ୍ଧ୍ୱରେ ରହି ନିରପେକ୍ଷ ଓ ଦୃଷ୍ଟାନ୍ତମୂଳକ ହେବ ବୋଲି କଂଗ୍ରେସ ତରଫରୁ ଆଶା ବ୍ୟକ୍ତ କରାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୮ ଜୁଲାଇ, ୨୦୨୧



**ଡ୍ରେନ୍ ନିର୍ମାଣ ନିମ୍ନମାନର ଅଭିଯୋଗ**



ବଲାଙ୍ଗୀର ଅଫିସ: ବଲାଙ୍ଗୀର ସହର ରାମେଶ୍ୱର ନଗର ତିଆରି ଚାଲିଥିବା ଡ୍ରେନ୍ ନିର୍ମାଣ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଡ୍ରେନ୍ ତିଆରି ବେଳେ ଉପଯୁକ୍ତ ପରିମାଣର ଲୁହାରଡ୍ ବ୍ୟବହାର କରାଯାଉନାହିଁ । ଏଭଳିକି ବିନା ଭାଇବ୍ରେଟରରେ ନିର୍ମାଣ ଚାଲିଥିବା ଅଭିଯୋଗ ହୋଇଛି। ରାମେଶ୍ୱର ନଗର ଛକ ଠାରୁ ଲକ୍ଷ୍ମୀଯୋର ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କାମ ଚାଲିଛି। ଏଦିଗରେ ମ୍ୟୁନିସିପାଲିଟି ଅଧିକାରୀ ବିପିନ ଦୀପଙ୍କୁ ପଚରାଯିବାରୁ ଡ୍ରେନ୍ କାମ ନେଇ ନିର୍ଦ୍ଦିଷ୍ଟ କୌଣସି ଅଭିଯୋଗ ମିଳିନାହିଁ । ତଥାପି ଏନେଇ ସେ ବିଭାଗୀୟ ଯନ୍ତ୍ରୀଙ୍କୁ ତଦାରଖ କରିବାକୁ କହିବେ ବୋଲି କହିଥିଲେ।

## ସଂକ୍ଷେପରେ

### ଫୋନ ପେ ଲିଙ୍କ୍ ମାଗି ଠକିନେଲେ ୨୫ହଜାର

**ଲୋଇସିଂହା, ୭।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନାରେ ଏକ ସାଇବର ଠକେଇ ଅଭିଯୋଗ ହୋଇଛି। ଥାନା ଅନ୍ତର୍ଗତ ଦର୍ଲିପାଲି ଗ୍ରାମର ରଘୁମଣି ସାହୁ ନାମକ ଜଣେ ବ୍ୟକ୍ତି ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଦଫା ୪୧୯, ୪୨୦ ଆଇପିସି, ୬୬(ସି)/୬୬(ଡି) ଆଇଟି ଆକ୍ଟରେ ଏକ ମାମଲା(ନଂ.୧୮୬/୨୧) ରୁଜୁ ହୋଇଛି। ଆଗଲପୁର ଡୁଡୁକାସ୍ଥିତ ଏସବିଆଇ ଶାଖାକୁ ଯାଇ ପୋଲିସ ତନାଘନା ଚଲାଇଥିବା ଆଇଆଇସି ରମାକାନ୍ତ ଜେନା କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଅଧୀନ ଦର୍ଲିପାଲି ଗ୍ରାମର ରଘୁମଣୀ ସାହୁଙ୍କ ମୋବାଇଲକୁ ଗତ ଜୁନ ୩୦ତାରିଖରେ ଏକ ଫୋନ ଆସିଥିଲା। ଆପଣ ୫ହଜାର ଟଙ୍କା ପୁରସ୍କାର ଜିତିଥିବାରୁ ଫୋନ ପେ ଲିଙ୍କ ଦେବାକୁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ରଘୁମଣୀଙ୍କୁ କହିଥିଲେ। ଏଥିରେ ବିଶ୍ୱାସ କରି ସାହୁ ଲିଙ୍କ ଦେବା ପରେ ତାଙ୍କ ଆକଉଣ୍ଟରୁ ୨୫ହଜାର ୯୯୫ଟଙ୍କା କଟି ଯାଇଥିବା ଜଣିବାକୁ ପାଇଥିଲେ। ଏହା ପରେ ସେ ଠକେଇର ଶିକାର ହୋଇଥିବା ନେଇ ଗତ ଜୁଲାଇ ୨ତାରିଖ ଥାନାକୁ ଆସି ସାହୁ ଲିଖିତ ଅଭିଯୋଗ କରିଛନ୍ତି।

### ଚେରୁପାଲି ପ୍ୟାକ୍ସ ଡିଇଓଙ୍କୁ କାର୍ଯ୍ୟରୁ ଅନ୍ତର

**ସୋନପୁର,୭।୭(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚେରୁପାଲି ପ୍ୟାକ୍ସର ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ଅଜିତ କୁମାର ସାଙ୍କୁ ବୁଧବାର କାର୍ଯ୍ୟରୁ ଅନ୍ତର କରାଯାଇଛି ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେଙ୍କ ନିର୍ଦ୍ଦେଶକ୍ରମେ ପ୍ୟାକ୍ସ ପ୍ରଶାସକ ଅକ୍ଷୟ କୁମାର ମେହେର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ପ୍ୟାକ୍ସ ପକ୍ଷରୁ ରବି ଋତୁ ଚାଷୀ ପଞ୍ଜୀକରଣ ସମୟରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। ୨୦ରୁ ଊର୍ଦ୍ଧ୍ୱ ଭାଗଚାଷୀଙ୍କ ଆଧାର ଡିଜିଟାଇଜେସନରେ ତ୍ରୁଟି ଥିଲା। ଏଥିପାଇଁ ଭାଗଚାଷୀଙ୍କୁ ଟୋକନ୍ ମିଳି ନ ଥିଲା। ଟୋକନ ନ ପାଇ ଚାଷୀ ଆନ୍ଦୋଳନ କରିଥିଲେ। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଶେଷ ମୂହୂର୍ତ୍ତରେ ସରକାର ଟୋକନ୍ ପ୍ରଦାନ କରିଥିଲେ ଓ ଭାଗଚାଷୀ ନିଜର ଧାନ ବିକ୍ରି କରି ପାରିଥିଲେ। ତେବେ ପଞ୍ଜୀକରଣ ସମୟରେ ଡିଇଓ ସାଙ୍କ ତ୍ରୁଟି ତଦନ୍ତରୁ ସ୍ପଷ୍ଟ ହୋଇଥିଲା।

### ନୂତନ ଜିଲାପାଳଙ୍କ ଡୁଙ୍ଗୁରିପାଲି ବ୍ଲକ ଗସ୍ତ

**ଡୁଙ୍ଗୁରିପାଲି,୭।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲାର ନୂତନ ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେ ବୁଧବାର ଡୁଙ୍ଗୁରିପାଲି ବ୍ଲକ ଗସ୍ତରେ ଯାଇଥିଲେ । ଏହି ଅବସରରେ ସେ ପ୍ରଥମେ ବିଡିଓଙ୍କ ସହିତ ବ୍ଲକର ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ସରକାରଙ୍କ ୫ଟି ଅନୁଦାନ ଦିଆଯାଇଥିବା ଦିଗଶିରା ହାଇସ୍କୁଲକୁ ପରିଦର୍ଶନ କରି ପରେ ସମଲାଇଚୁଆଁ ହାଇସ୍କୁଲକୁ ଯାଇଥିଲେ। ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ବୁଝିବା ସହିତ ନବନିର୍ମିତ ମାଆ ଓ ଶିଶୁ ବିଭାଗ ଡାକ୍ତରଖାନା ଦେଖିଥିଲେ । ଜିଲାପାଳଙ୍କ ସହିତ ଡୁଙ୍ଗୁରିପାଲି ବିଡିଓ ତ୍ରିପୁର ମହାନନ୍ଦ, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧାଙ୍କ ସମେତ ବିଭିନ୍ନ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

### ଶିକ୍ଷାବିତ୍‌ଙ୍କ ପରଲୋକ

**ଦେଓଗାଁ,୭।୭( ଡି.ଏନ.ଏ.):** ଅବସରପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ବଲାଙ୍ଗୀର ସଦର ବ୍ଲକ ଭୂତିଆରବାହାଲର ସାଇ ଶଙ୍କର ସାହୁ(୭୦)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କ



ସାଇଶଙ୍କର ସାହୁ।

ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କିଛିଦିନ ହେଲା ଅସୁସ୍ଥ ଥିବା ସାହୁଙ୍କୁ ଚିକିତ୍ସା ପାଇଁ ବୁର୍ଲା ନେବା ବାଟରେ ମୃତ୍ୟୁ ହୋଇଥିଲା। ନିକଟସ୍ଥ ସୋନଗଡ ନଦୀକୂଳରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁତ୍ର ପ୍ରମୋଦ କୁମାର ସାହୁ ମୁଖାଗ୍ନି ଦେଇଥିଲେ। ଏକାଧିକ ଥର ସେ ଦେଓଗାଁ ବ୍ଲକ ଶିକ୍ଷକ ସଂଘ ସଭାପତିଭାବେ କାର୍ଯ୍ୟ ତୁଲାଇଥିଲେ। ଅବସର ପରେ ସେ ଆୟୁର୍ବେଦିକ ଚିକିତ୍ସକଭାବେ କାର୍ଯ୍ୟ କରୁଥିଲେ। ସେ ଭୂତିଆରବାହାଲ ସରପଞ୍ଚ ପୁଷ୍ପିତା ସାହୁଙ୍କ ଶ୍ୱଶୁର। ତାଙ୍କ ବିୟୋଗରେ ବିଧାୟକ ନରସିଂହ ମିଶ୍ର ଗଭୀର ଶୋକପ୍ରକାଶ କରିଛନ୍ତି ।

# ଗ୍ରାମବାସୀଙ୍କ ଜାତୀୟ ରାଜପଥ ଅବରୋଧ

**ଅଧାପନ୍ତରିଆ ପୋଲ କାମ ଶେଷ କରିବା ଦାବି**

ବୌଦ୍ଧ/ତଳଗାଁ, ୭।୭(ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତର ବାହଲି ଗ୍ରାମରେ ପୋଲ କାମ ଅଧାପନ୍ତରିଆ ହୋଇ ପଡିଛି। ଏହାକୁ ସମ୍ପୂର୍ଣ୍ଣ କରିବା ଦାବିରେ ଗ୍ରାମବାସୀ ବୁଧବାର ତେଇଶିମାଇଲ ଠାରେ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ବ୍ଲକ ପ୍ରଶାସନ ଠାରୁ ୫ କିମି ଦୂରରେ ଏହି ଗ୍ରାମ ଥିବା ବେଳେ ଏଠାରେ ୧୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକମାନେ ରହୁଛନ୍ତି। ଗ୍ରାମକୁ ଯିବାକୁ ହେଲେ ଗାଁ ମୁଣ୍ଡରେ ପଡେ ଲଛମୀପଦର ନାଳ। ଖରା ଓ ଶୀତ ଦିନେ ଲୋକମାନେ କୌଣସି ମତେ





ତେଇଶିମାଇଲ ଠାରେ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଛନ୍ତି ।

ଚଳି ଯାଉଥିବା ବେଳେ ବର୍ଷା ୪ ମାସ ବହୁ କଷ୍ଟ ଭୋଗିଥାନ୍ତି। ଫଳରେ ଦୀର୍ଘ ଦିନର ଦାବି ପରେ ପ୍ରଶାସନ ପକ୍ଷରୁ ଉକ୍ତ ନାଳ ଉପରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏକ ପୋଲ କରିବା ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ଉକ୍ତ ପୋଲ ପାଇଁ ପ୍ରଥମ ଦଫାରେ ୨୦୧୮–୧୯ ଆର୍ଥିକ ବର୍ଷରେ ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ପଞ୍ଚାୟତ ପକ୍ଷରୁ କାମ ଆରମ୍ଭ ହୋଇ କିଛି କାମ ଏହାମଧରେ କରାଯାଇଛି। କିନ୍ତୁ ପ୍ରଶାସନର ଉଦାସୀନତା ଯୋଗୁ ଗ୍ରାମକୁ ସଂଯୋଗ କରୁଥିବା ପୋଲ ୩ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଶ୍ରମିକମାନେ ମଧ ସେମାନଙ୍କ ପ୍ରାପ୍ୟ ପାଇନାହାନ୍ତି। ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ସୁଦ୍ଧା କିଛି ସୁଫଳ ନ ମିଳିବାରୁ ବୁଧବାର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଜିଲା ପରିଷଦ ସଭ୍ୟ ଅବକାଶ ସାହୁଙ୍କ ନେତୃତ୍ୱରେ ସକାଳ ୬ଟା ଠାରୁ ତେଇଶିମାଇଲଠାରେ ରାଜପଥ ଅବରୋଧ କରିଥିଲେ। ଦୀର୍ଘ ୩ ଘଣ୍ଟା ପରେ ହରଭଙ୍ଗା ବିଡିଓ ନୀଳକଣ୍ଠ ବେହେରା ଆନ୍ଦୋଳନ ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।

# ଜେଲଗଲେ ୬ ଅଭିଯୁକ୍ତ





କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତମାନେ।

**ବେଆଇନ ଗୋରୁ ଚାଲାଣ ମାମଲା**

ଲୋଇସିଂହା,୭।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ରୋଡରୁ ପଶ୍ଚିମବଙ୍ଗକୁ ବେଆଇନ ଗୋରୁ ଚାଲାଣ ଘଟଣାରେ ପଶ୍ଚିମବଙ୍ଗର ୬ଜଣଙ୍କୁ ପୋଲିସ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଅସିଫ ମୌଲା(୨୭), ଶେଖ ଓକିବୁର ରେହେମନ(୪୨), ଶେଖ ମୁସିଆର(୩୨), ଆଜାରୁଦ୍ଦିନ ହଜୀର(୨୪), ଶେଖ କାଲୋ(୩୦), ନାଜୀର ହୁସେନ( ୨୩)। ଏ ନେଇ ଥାନାରେ ସେ ଦଫା ୨୯୪, ୫୦୬, ୩୭୯, ୩୪ ଆଇପିସି /ଆରଡବ୍ଲୁ ସେକ୍ସନ ୧୧(୧)(ଡି)ପଶୁ ନିରୋଧ ଆଇନରେ ଏକ ମାମଲା (ନଂ.୧୮୮/୨୧) ମାମଲା ରୁଜୁ ହୋଇଥିବା ଆଇଆଇସି ରମାକାନ୍ତ ଜେନା ପ୍ରକାଶ କରିଛନ୍ତି।

# ବୌଦ୍ଧ ଜିଲାରେ ୧୯୪ ହେକ୍ଟର ଜଙ୍ଗଲ ବୃଦ୍ଧି





ଜିଲାସ୍ତରୀୟ ବନ ମହୋତ୍ସବରେ ପୁରସ୍କୃତ କରାଯାଉଛି।

ବୌଦ୍ଧ,୭।୭(ସ୍ୱ.ପ୍ର.)

ବୌଦ୍ଧ ଜିଲାସ୍ତରୀୟ ବନ ମହୋତ୍ସବ ବୁଧବାର ପାଳିତ ହୋଇଯାଇଛି। କାଳେଶ୍ୱର ଛକଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବନଖଣ୍ଡର ଖଣ୍ଡିୟ ବନାଧିକାରୀ ଯଶୋବନ୍ତ ସେଠୀ ୨୦୨୧–୨୨ରେ ହେବାକୁ ଥିବା ବନୀକରଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଆଧାରରେ ଜିଲାର ଜଙ୍ଗଲ ଆୟତନ ୧୯୪ ହେକ୍ଟର ବୃଦ୍ଧି ପାଇଥିବା ସେଠୀ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଜିଲା ଦୌରାଜଜ୍ ସୁଶ୍ରୀ ପ୍ରତିମା ପଣ୍ଡା, ସମ୍ମାନିତ ଅତିଥିଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା କରିବାକୁ ଆହ୍ୱାନ ଜଣାଇଥିଲେ। ନୂଆପଡା ବନ ସଂରକ୍ଷଣ ସମିତିକୁ ବିଜୁ ପଟ୍ଟନାୟକ ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ପୁରସ୍କାର ୨୦ହଜାର ଟଙ୍କା ଏବଂ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷାରେ ପଲଶାଗୋରା ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୃକ୍ଷରୋପଣ

ବାଉଁଶୁଣୀ,୭।୭(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବହିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅବସରରେ ଚାରାରୋପଣ କରାଯାଇଛି। ସ୍କୁଲ ପ୍ରଧାନଶିକ୍ଷକ ସୁଦାମ ଶେଖର ପୁରୋହିତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥିଭାବେ ବହିରା ସରପଞ୍ଚ ପୁଷ୍ପାଞ୍ଜଳି ମେହେର ଯୋଗଦେଇଥିଲେ। ସ୍ଥାନୀୟ ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଲ, ସହକାରୀ ଶିକ୍ଷକ ଶଙ୍କର୍ଷଣ ହାତୀ, ଶିକ୍ଷୟିତ୍ରୀ ବିଜୟିନୀ ପାତ୍ର ଓ ବିଦ୍ୟାଳୟ ପରିଚାଳନା ସଭାପତି ଜୟନ୍ତ ସାହୁ ଯୋଗଦେଇ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ସେହିପରି ବୌଦ୍ଧ ବ୍ଲକ ମୁଣ୍ଡିପଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁଙ୍କ ତତ୍ତ୍ୱାବଧାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପିଏମ୍ଏୱାଇରେ ଦୁର୍ନୀତିକୁ ଭାଜପାର ବିରୋଧ



ଡୁଙ୍ଗୁରିପାଲିରେ ଭାଜପା ନେତୃବୃନ୍ଦ ଧାରଣାରେ ବସିଛନ୍ତି।

ସୋନପୁର, ୭।୭(ନି.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ)ରେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣକୁ ଭାଜପା ବିରୋଧ କରିଛି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଫିସ ସମ୍ମୁଖରେ ବୁଧବାର ବିକ୍ଷୋଭ କାର୍ଯ୍ୟକ୍ରମ ହୋଇଥିଲା। ଭାଜପା ଜିଲା ସାଧାରଣ ସମ୍ପାଦକ ତଥା ଜିଲା ପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଜିଲା କୃଷକ ମୋର୍ଚ୍ଚା ସଭାପତି ଶିବରାଜ ବେହେରା, ସୁବଳ ମାଝୀ, ସୁରେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିନିକା ବ୍ଲକ ସମ୍ମୁଖରେ ଜିଲା ଉପସଭାପତି ଅଶୋକ ପୃଷ୍ଟି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାକୁର, ଜିଲା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ମିଶ୍ର, ଉମେଶ ଚନ୍ଦ୍ର ନାଏକ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

**ଟିଟିଲାଗଡ,(ଡି.ଏନ.ଏ.):** ଟିଟିଲାଗଡ ବ୍ଲକ ଆଗରେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ମୁକେଶ ଜୈନଙ୍କ ନେତୃତ୍ୱରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ନରସିଂ ସିଂ, ଗୁଲାବ ସୋନି ଯୋଗଦେଇଥିଲେ। ପରେ ବିଡିଓ ନବିନ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ଲୋଇସିଂହା,(ଡି.ଏନ.ଏ):** ଲୋଇସିଂହା ବ୍ଲକ ପରିସରରେ ଅନୁଷ୍ଠିତ ବିକ୍ଷୋଭ ସଭାକୁ ଭୂତନାଥ ନାଏକ ସଂଯୋଜନା କରିଥିଲେ। କେନ୍ଦ୍ର ସରକାର ଓଡିଶାକୁ ୨୯.୯୧ ଲକ୍ଷ ପକ୍କା ଘର ସହାୟତା ପ୍ରଦାନ କରିଥିବାବେଳେ ରାଜ୍ୟ ସରକାର ହିତାଧିକାରୀ ଚୟନରେ ଅନିୟମିତତା କରୁଥିବା ବିଧାୟକ ମୁକେଶ ମହାଲିଙ୍ଗ ଅଭିଯୋଗ କରିଥିଲେ। ପରେ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ସ୍ମାରକ ପତ୍ର ଦିଆଯାଇଥିଲା।

**ବୌଦ୍ଧ/ତଳଗାଁ,(ସ୍ୱ.ପ୍ର./ଡି.ଏନ.ଏ.):** ବୌଦ୍ଧ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ ହରଭଙ୍ଗା ବ୍ଲକ ଆଗରେ ବିକ୍ଷୋଭ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ସୁଶାନ୍ତ କୁମାର ପ୍ରଧାନ, ସତ୍ୟାନନ୍ଦ ପାଣ୍ଡେ, ରବି ନାରାୟଣ ପ୍ରଧାନ, ପ୍ରେମାନନ୍ଦ ମିଶ୍ର, ତାପସ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଆୟୁର୍ବେଦ ମହାବିଦ୍ୟାଳୟରେ ଔଷଧୀୟ ଚାରାରୋପଣ

ବଲାଙ୍ଗୀର ଅଫିସ, ୭।୭

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପରିସରରେ ଥିବା ଭେଷଜ ଉଦ୍ୟାନରେ ବୁଧବାର ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆମଲକି, ହରଡା, ବାହାଡା, ଭଲ୍ଲାଚକ, ପିଆଶାଳ ଆଦି ଔଷଧିୟ ଗୁଣଯୁକ୍ତ ୪୦ପ୍ରକାର ଚାରା ରୋପଣ କରାଯାଇଥିଲା। ବଲାଙ୍ଗୀର ଡିଏଫଓ ସମୀର କୁମାର ଶତପଥୀ, ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅରୁଣ କୁମାର ଦାସ, ଡ. ଗୋପବନ୍ଧୁ ଆଚାର୍ଯ୍ୟ, ଡ. ନିଗମାନନ୍ଦ କର, ବୈଦ୍ୟ ଝସ୍‌କେତନ ଗୁରୁ ଉପସ୍ଥିତ ରହି ଚାରାରୋପଣ କରିଥିଲେ।



ଡିଏଫ୍‌ଓ ଓ କଲେଜ ଅଧକ୍ଷ ଔଷଧୀୟ ଚାରାରୋପଣ କରୁଛନ୍ତି।

ଡିଏଫଓ ଶତପଥୀ ଓ ମହାବିଦ୍ୟାଳୟ ଅଧକ୍ଷ ଦାସ ସ୍ଥାନୀୟ ବୈଦ୍ୟ ଓ ସାଧାରଣ ଲୋକଙ୍କୁ ଔଷଧିୟ ଚାରା ବଣ୍ଟନ କରିଥିଲେ। ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ଆବାହକ ସୁନୀଲ କୁମାର ମହାନ୍ତି, କସ୍ତୁରୀ ରଥ, ଦିଗାମ୍ବର ନାଏକ, ରେଞ୍ଜର ବିଜୟ ଖୁଣ୍ଟିଆ, ଫରେଷ୍ଟର ବ୍ୟାସଦେବ ସାହୁଉପସ୍ଥିତ ଥିଲେ।

# ସିଟିଜେନ୍ ଫୋରମ୍‌ର ବୈଠକ

ଭବାନୀପାଟଣା, ୭।୭ (ଡି.ଏନ.ଏ.)

ଭବାନୀପାଟଣା ସିଟିଜେନ୍ ଫୋରମର ମାସିକ ବୈଠକ ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଧାପକ ସୀମାଞ୍ଚଳ ମିଶ୍ରଙ୍କ ପରିଚାଳନାରେ ପୂର୍ବ ବୈଠକର ଉପରେ ଆଲୋଚନା ହୋଇଥିଲା। ବର୍ଷାଦିନରେ ସହର କିଭଳି ସ୍ୱଚ୍ଛତା ରହିବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ଦୀନବନ୍ଧୁ ମୁଣ୍ଡ, ଅଧାପକ ସୁମନ ରଥ, ବିନୋଦ କୁକ୍ରେଜା, ସୁବାସ ଚାନ୍ଦ, ଅଶୋକ ମିଶ୍ର, ବାସୁଦେବ ସାହାଣୀ, ଏମ୍ ଜଗଦୀଶ, ଅମିୟ ମହାନ୍ତି, ମୁରଲୀମୋହନ ସେନାପତି, ବାଳକୃଷ୍ଣ ସେନାପତି, ଉମାଶଙ୍କର ମୁଣ୍ଡ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କେନ୍ଦ୍ର ସରକାରଙ୍କ ବିରୋଧରେ କଂଗ୍ରେସର ବିକ୍ଷୋଭ

ବଲାଙ୍ଗୀର ଅଫିସ, ୭।୭ (ଡି.ଏନ୍.ଏ.)

ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଖାଇବା ତେଲ ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ବୃଦ୍ଧି ଓ ଓ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୩୦ଟଙ୍କା ବୃଦ୍ଧି ଦାବିରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ ବୁଧବାର କଂଗ୍ରେସ ଦଳ ଆନ୍ଦୋଳନ କରିଛି।

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ କଂଗ୍ରେସ ସଭାପତି ଉମାକାନ୍ତ ସାହୁଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର ସମାଲୋଚନା କରିଥିଲେ। ସଭାରେ ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ଟାଉନ କଂଗ୍ରେସ ସଭାପତି ବୁଲୁ ଦାନି, କିଶାନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର, ବିଧାୟକ ପ୍ରତିନିଧି ଓମ୍ ପ୍ରକାଶ କୁମ୍ଭାର, ପୂର୍ବତନ ବ୍ଲକ ଅଧକ୍ଷ ହୃଦାନନ୍ଦ ଭୋଇ ବକ୍ତବ୍ୟ ରଖିଥିଲେ। ସେହିପରି ସଦର ବ୍ଲକ କଂଗ୍ରେସ ସଭାପତି ରାମପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭରେ ଅଖିଳ ମୋହନ ଥାଟି, ବିଶ୍ୱଜିତ ନାଥ, ସଂକୀର୍ତ୍ତନ ମେହେର, କମଲ ନନ୍ଦ, ଗଗନ ନାଥ ସ ସାମିଲ ହୋଇଥିଲେ।



ପୁଇଁତଲା ବ୍ଲକ କାର୍ଯ୍ୟାଳୟଠାରେ ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।





ବରଗଡ଼ ବ୍ଲକ ଅଫିସ ଆଗରେ କଂଗ୍ରେସର ଧାରଣା ।

ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ବିଶ୍ୱଜିତ ପାତ୍ର, ସେବାଦଳ ମୁଖ୍ୟ ଅସିତ ମିଶ୍ର, ପୁରନ୍ଦର ଭୋଇ, ପ୍ରଦ୍ୟୁମ୍ନ କିଶୋର ସାହୁ, ମୟ ପ୍ରଧାନୀ, ଯୁବ କଂଗ୍ରେସ ସଭାପତି ସମୀର ସାହୁ ପ୍ରମୁଖ ଯୋଗଦେଇଥିଲେ। ବେଲପଡା ବ୍ଲକ କଂଗ୍ରେସ ସଭାପତି ଦୟା ମହାଖୁଡଙ୍କ ନେତୃତ୍ୱରେ ବ୍ଲକ ଅଫିସ ସାମନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ କାର୍ତ୍ତିକ ବନଛୋର ଉପସ୍ଥିତ ଥିଲେ। ଲୋଇସିଂହା ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲା ସଭାପତି ଦିଲୀପ କୁମାର ବେହେରା,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ସରୋଜ ବିଶ୍ୱାଳ, ବ୍ୟାସଦେବ ଥନାପତି ପ୍ରମୁଖ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତିର ସମାଲୋଚନା କରିଥିଲେ। ଟିଟିଲାଗଡ଼ ବ୍ଲକ କଂଗ୍ରେସ ସଭାପତି ବିକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଧାରଣାରେ ତୁଳସୀ ସାହୁ, ଡମ୍ବରୁ ଛତ୍ରିଆ, ରାଜୁ ମିଶ୍ର, ସୁମନ୍ତ ବେହେରା, ବୀରେନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

**ବରଗଡ଼ ଅଫିସ:** ବରଗଡ଼ ଜିଲା କଂଗ୍ରେସ ପକ୍ଷରୁ ଜିଲାର ବ୍ଲକ ଅଫିସଗୁଡ଼ିକ ଆଗରେ ଧାରଣା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବରଗଡ଼ ବ୍ଲକ ଅଫିସ ଆଗରେ ବ୍ଲକ କଂଗ୍ରେସ ସଭାପତି ଅନନ୍ତ ତାଣ୍ଡି, ଟାଉନ କଂଗ୍ରେସ ସଭାପତି ସୁଧିର ଜେନା ନେତୃତ୍ୱ ନେଇଥିଲେ। ନିପନ ଦାଶ, ପାଣ୍ଡବ କର୍ଣ୍ଣ, ଗୌରବ ପତି, ଅଭିଷେକ ନାୟକ ପ୍ରମୁଖଙ୍କ ସମେତ ଦଳୀୟ କର୍ମୀମାନେ ଧାରଣାରେ ଉପସ୍ଥିତ ଥିଲେ। ଅତାବିରାରେ ଦୟାସାଗର ମେଣ୍ଡଲୀ, ଭେଡ଼େନରେ ରମେଶ ପଣ୍ଡା, ପଦ୍ମପୁରରେ ଚମ୍ପକେଶ୍ୱର ବିଶ୍ୱାଳ, ଝାରବନ୍ଧରେ ମୁଜାଫର ହୁସେନଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା ବୋଲି ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ ସୂଚନା ଦେଇଛନ୍ତି।

**ଭବାନୀପାଟଣା/ କୋକସରା, (ଡି.ଏନ.ଏ.):** ଜିଲା କଂଗ୍ରେସ କମିଟି ସଭାପତି ଭାରତ ଭୂଷଣ ବେମୋଲଙ୍କ ନେତୃତ୍ୱରେ ଭବାନୀପାଟଣା ସଦର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ଜିଲା ଉପସଭାପତି ଉଚ୍ଛବ ସାହୁ, ଜିଲା ସାଧାରଣ ସମ୍ପାଦକ ବ୍ରଜ ସାହୁ, ଏମ ଅଲ୍ଲି, ତ୍ରିଲୋଚନ ପାଣିଗ୍ରାହୀ, ମହମ୍ମଦ ସାହେବ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ମାଣିକ୍ୟ ସୁନା, ଭବାନୀପାଟଣା ନଗର କଂଗ୍ରେସ ସଭାପତି ସିଦ୍ଧାର୍ଥ ନାୟକ, ସରୋଜ ବାଗ, ଜିଲା ମହିଳା କଂଗ୍ରେସ ସଭାପତି ସୁକାନ୍ତି ସରାଫ, ସୁକାନ୍ତ ବିଶି, ସୁବାଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋକସରା ବ୍ଲକ କଂଗ୍ରେସ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ସାମନାରେ ଅନୁଷ୍ଠିତ ବିକ୍ଷୋଭରେ ବ୍ଲକ କଂଗ୍ରେସ ମହିଳା ସଭାନେତ୍ରୀ ମାଧୁରୀ ନିଆଲ, ଲିଙ୍ଗରାଜ ବେହେରା, ବ୍ଲକ କଂଗ୍ରେସ ଯୁବ ସଭାପତି କମଳଲୋଚନ କୁମାର, ଫୁଲତୋଲା ଖମାରୀ ସାମିଲ ହୋଇଥିଲେ ।

**ନୂଆପଡ଼ା ଅଫିସ:** ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ଜିଲାର ସମସ୍ତ କଂଗ୍ରେସ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ସୋନପୁର(ନି.ପ୍ର.):** ସୋନପୁରରେ ଅନୁଷ୍ଠିତ ଗଣଧାରଣାରେ ପ୍ରାକ୍ତନ ବିଧାୟକ ବିନୋଦ ପାତ୍ର, ଜିଲା କଂଗ୍ରେସ କମିଟି ସଭାପତି ଗୌରିଶ୍ୟାମ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ସୁଧୀର ପଣ୍ଡା, ସୂର୍ଯ୍ୟକାନ୍ତି ବାଘ, ବରୁଣ ସୁନା, ମାଧବ କୁମ୍ଭାର ଓ ନିମାଇଁ ପାଣିଗ୍ରାହୀ ସାମିଲ ହୋଇଥିଲେ। ବିନିକାରେ ଅନୁଷ୍ଠିତ ଆନ୍ଦୋଳନରେ ବ୍ଲକ ସଭାପତି ରବିନ୍ଦ୍ର ହୋତା, ପ୍ରଦୀପ ସେଠୀ, ଗୋବିନ୍ଦ ଝାଙ୍କର ଓ ବିଜୟ ସାହୁ ଅଂଶଗ୍ରହଣ କରିଥିଲେ। ତରଭା ବ୍ଲକ ଅଫିସ ସମ୍ମୁଖରେ ଅନୁଷ୍ଠିତ ଧାରଣାରେ ବ୍ଲକ ସଭାପତି କାର୍ତ୍ତିକ ନାଗ, ଚନ୍ଦ୍ରମଣି ତ୍ରିପାଠୀ, ଦଧୀବାମନ ଦାଶ ସାମିଲ ହୋଇଥିଲେ। ଡୁଙ୍ଗୁରିପାଲିରେ ବ୍ଲକ କଂଗ୍ରେସ କମିଟି ସଭାପତି ଚିତ୍ତରଞ୍ଜନ ମିଶ୍ର, ବାଳକୃଷ୍ଣ ତନସେନା, ସୁରବାବୁ ନନ୍ଦ ଓ ପାଣ୍ଡବ ତ୍ରିପାଠୀ ଧାରଣାରେ ବସିଥିଲେ। ଉଲୁଣ୍ଡାରେ ସୁରଜ ବାଗ, ପ୍ରଭୁଦତ୍ତ ବଡ଼ିଆ, ତ୍ରିପୁରାରୀ ସେଠୀ ଧାରଣା ଦେଇଥିଲେ। ବୀରମହାରାଜପୁରରେ ବ୍ଲକ କଂଗ୍ରେସ କମିଟି ସଭାପତି ବସନ୍ତ ମହାକୁର, ଜିଲା ଉପସଭାପତି ରାଜଗୋପାଳ ପାଣିଗ୍ରାହୀ, ଯୁବ କଂଗ୍ରେସ ଜିଲା ସଭାପତି ପ୍ରିୟବ୍ରତ ସାହୁ, ଲବ କୁମାର ସାହୁ ଓ ପ୍ରେମାନନ୍ଦ ଜଟି ଆନ୍ଦୋଳନରେ ସାମିଲ ହୋଇଥିଲେ।

**ବୌଦ୍ଧ,(ସ୍ୱ.ପ୍ର.):** ବୌଦ୍ଧ ବ୍ଲକ ସମ୍ମୁଖରେ ନଗର କଂଗ୍ରେସ ସଭାପତି ତପନ ରାଉତରାୟ ଓ ବ୍ଲକ ସଭାପତି ଉମେଶ ତ୍ରିପାଠୀଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ହରଭଙ୍ଗା ବ୍ଲକରେ ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, ସମରେଶ ମିଶ୍ର, ସମରେନ୍ଦ୍ର ମହାକୁଡଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। କଣ୍ଟାମାଳ ବ୍ଲକରେ ବ୍ଲକ ସଭାପତି ଧ୍ରୁବଚରଣ ପ୍ରଧାନ ଓ ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା।